

# ଗୋ-ରକ୍ଷା

# ଏକ ଆନ୍ଦୋଳନ

ଗୋ-ରକ୍ଷା ଦ୍ୱାରା ରାଷ୍ଟ୍ର ରକ୍ଷା, ଗୋ-ଆଧାରିତ କୃଷି, ଗୋ-ସଂସ୍କୃତି, ରୋଗର ଗୋମୟ ଉପଚାର, ଗୋ-ମାଂସ ଭକ୍ଷଣର ଭୀଷଣ ପରିଣାମ, ଗୋ-ମାଂସ ପାଇଁ ସରକାରୀ ପ୍ରୋତ୍ସାହନ, ଗୋ-ହତ୍ୟାର ତାଣ୍ଡବ କିପରି ?

(ओड़िया)






ଦିନ ଭର ରୋଜା ରଖେ, ରାତ କାଟତେ ଗାୟ ।
ଏହ ଖୁନ, ଏହ ବନ୍ଦଗୀ, କୈସେ ଖୁସି ଖୁଦାୟ ॥
- ସନ୍ଥ କବୀରଦାସ



ଆଲବର୍ଟ ଆଇନଷ୍ଟାଇନ (ବୈଜ୍ଞାନିକ)

* ଏହି ଦେଶରେ ଗୋହତ୍ୟା ଚଳିବ ନାହିଁ । ଗୋହତ୍ୟା ବନ୍ଦ ନ ହେଲେ ଦେଶରେ ବିଦ୍ରୋହ ହେବ । - ସନ୍ଥ ବିନୋବା ଭାବେ
* ଭାରତୀୟ ସମ୍ବିଧାନରେ ପ୍ରଥମ ଧାରା ସମ୍ପୂର୍ଣ୍ଣ ଗୋହତ୍ୟା ନିଷେଧ ହେବା ଉଚିତ । - ପ. ମଦନ ମୋହନ ମାଳବ୍ୟ
* ଯଦି ସଂସାରରେ ହିନ୍ଦୁ ରୂପେ ଜୀବିତ ରହିବାକୁ ଚାହୁଁଛି, ତେବେ ସର୍ବପ୍ରଥମେ ପ୍ରାଣପଣେ ଆମକୁ ଗୋରକ୍ଷା କରିବାକୁ ହେବ । - ସ୍ୱାମୀ ପ୍ରଭୁଦତ୍ତ ବ୍ରହ୍ମଚାରୀ
* ସରକାରଙ୍କ ଗୋହତ୍ୟା ନୀତିର କଡ଼ାବିରୋଧ କରିବା ଉଚିତ ଏବଂ ସେମାନଙ୍କୁ ହିଁ ଭୋଟ ଦେବା ଉଚିତ, ଯିଏ ଦେଶରେ ପୂର୍ଣ୍ଣରୂପେ ଗୋହତ୍ୟା ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେବେ । - ସ୍ୱାମୀ ରାମସୁଖଦାସ

## ସଂସ୍କୃତି ରକ୍ଷକ ସଙ୍ଘର ସେବା ଆୟୋଜନ



ପାଶ୍ଚାତ୍ୟ ସଂସ୍କୃତିର ବିରୋଧ



କଂସେଇଖାନା ବିରୋଧରେ ଧାରଣା



ଗୋ-ରକ୍ଷା ଜାଗୃତି ଯାତ୍ରା



ଧ୍ୟାନ ଯୋଗ ଶିବିର



ବିଦ୍ୟାର୍ଥୀ ଉତ୍କର୍ଷ କେନ୍ଦ୍ର



ଅନ୍ନଛତ୍ର



ଯୁବା-ଜାଗୃତି ଅଭିଯାନ



ହୋତ-ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଆରୋଗ୍ୟ ଶିବିର

# ଗାଈର ସୁରକ୍ଷା, ସର୍ବସ୍ୱର ରକ୍ଷା

ଜନ୍ମଦାତ୍ରୀ ମା’ କେବଳ ଶିଶୁ ଅବସ୍ଥାରେ ଦୁଗ୍ଧପାନ କରାଇଥାଏ, କିନ୍ତୁ ଗୋମାତା ତ ଆଜୀବନ ଆମକୁ ନିଜର କ୍ଷୀର-ଦହି, ଲହୁଣୀ ଆଦି ଦ୍ୱାରା ପୋଷଣ କରାଇଥାଏ । ତାହାର ଉପକାର କେଉଁ ପ୍ରକାରେ ପରିଶୋଧ କରାଯାଇପାରିବ ? ନିଜର ଏହି ସୁନ୍ଦର ଉପହାର ଦ୍ୱାରା ସେ ସାରା ଜୀବନ ଆମର ହିତ ସାଧନ କରିଥାଏ । ତଥାପି ଗୋମାତାର ଉପଯୋଗିତା ବିଷୟରେ ଅନଭିଜ୍ଞ ହୋଇ, ସରକାରଙ୍କ ଭୁଲ୍ ନୀତି କାରଣରୁ ତଥା ତାହାର ପାଳନ-ପୋଷଣଜନିତ ଖର୍ଚ୍ଚ ବହନ କରି ନ ପାରିବା ବାହାନାରେ ତାହାକୁ କଂସେଇଖାନାକୁ ପଠାଇଦେବା, ଏସବୁ ବିକାଶର କେଉଁ ପ୍ରକାର ମାପଦଣ୍ଡ ଅଟେ ? କ’ଣ ଗୋ-ମାତା ପ୍ରତି ଆମର କିଛି କର୍ତ୍ତବ୍ୟ ନାହିଁ ?




# ସଂସାରର ସବୁଠାରୁ ବଡ଼ କଂସେଇଖାନା ଭାରତରେ !!!

ପ୍ରାଚୀନ କାଳରୁ ଅହିଂସାର ପୂଜାରୀ ଭାରତବର୍ଷ ଆଜି ହିଂସ୍ର ଏବଂ ମୁଖ୍ୟ ମାଂସ ରପ୍ତାନିକାରୀ ଦେଶ ଭାବରେ ଆବିର୍ଭୂତ ହେଉଛି । ହିନ୍ଦୁବହୁଳ ସମାଜ ହେବାସତ୍ତ୍ୱେ ଗୋବଂଶର ହତ୍ୟା ଅବ୍ୟାହତ ରହିଛି । ଏହା ବଡ଼ ବିଡ଼ମ୍ବନା ଅଟେ ଯେ ଏସିଆ ମହାଦେଶର ସବୁଠାରୁ ବଡ଼ କଂସେଇଖାନା ‘ଦେବନାର’ ଅନ୍ୟ କୌଣସି ଇସଲାମିକ୍ ଦେଶରେ ନୁହେଁ ପରନ୍ତୁ ଭାରତର ମହାରାଷ୍ଟ୍ର ରାଜ୍ୟରେ ଅବସ୍ଥିତ, ଯେଉଁଠାରେ ପ୍ରତ୍ୟହ ହଜାର-ହଜାର ସଂଖ୍ୟାରେ ଗୋରୁ ହତ୍ୟା କରାଯାଇଥାଏ । ଦ୍ୱିତୀୟ କଂସେଇଖାନା ‘ଅଲ୍-କବୀର’ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ । ଏ ସବୁଠାରୁ ହଜାର-ହଜାର ଟନ୍ ମାଂସ ବିଦେଶକୁ ରାପ୍ତାନୀ ହୋଇଥାଏ ।

# ପୂଜ୍ୟ ଗୋମାତା ପ୍ରତି ଏପରି ନିର୍ଦ୍ଦୟତା

ଆପଣ ଜାଣନ୍ତି କି ଯେଉଁ ଗୋମାତାକୁ ଆପଣ ପୂଜା କରନ୍ତି ତାହାକୁ କିପରି ନିର୍ଦ୍ଦୟତାପୂର୍ବକ ହତ୍ୟା କରାଯାଏ ?



କଂସେଇଖାନାରେ ଗୋରୁମାନଙ୍କୁ ଚାରିଦିନ ଧରି ମରଣଯନ୍ତ୍ରରେ ଭୋକିଲା ରଖାଯାଏ । ଅବଶ ହୋଇ ତଳେ ପଡ଼ିଗଲେ ତାହାକୁ ଘୋଷାଡ଼ି ନେଇ ମେସିନ୍ ପାଖରେ ପିଟି ପିଟି ପୁଣି ଠିଆ କରାଯାଏ । ମେସିନ୍‌ରେ ଗୋଟିଏ ପୁଲି (ମେସିନ୍‌ରେ ଧରି ରଖିବା ଏକ ଅଂଶ) ଗାଈର ପଛଗୋଡ଼କୁ ଜାବୁଡ଼ି ଧରେ । ତା'ପରେ ପାଞ୍ଚ ମିନିଟ୍ ଧରି ତା' ଉପରେ ପାଣି ଢଳାଯାଏ । ପୁଲି ପଛଗୋଡ଼ ଦୁଇଟିକୁ ଉପରକୁ ଟେକି ଧରେ । ଏଥିରେ ଗାଈ ଓଲଟା ହୋଇ ଝୁଲି ପଡ଼େ । ଏହାପରେ ଗାଈର ବେକକୁ ଅଧା କାଟିଦିଆଯାଏ ଯେପରି ରକ୍ତ ସବୁ ବାହାରି ଆସିବ କିନ୍ତୁ ଗାଈ ମରିବ ନାହିଁ । ଏହି ସମୟରେ ପେଟରେ ଏକ ଛିଦ୍ର କରି ପବନ ପୂରାଇ ଦିଆଯାଏ ଯେପରି ତାହାର ଶରୀର ଫୁଲିଯିବ । ଏହି ଅବସ୍ଥାରେ ଚମଡା ଉତାରିବା କାମ କରାଯାଏ । ଗର୍ଭିଣୀ ଗାଈର ପେଟ ଚିରି ଜୀବନ୍ତ ଶିଶୁକୁ ବାହାର କରାଯାଏ । ତାହାର ନରମ ଚମଡ଼ା (କାଫ୍-ଲେଦର) ବହୁତ ଅଧିକ ମୂଲ୍ୟରେ ବିକ୍ରି କରାଯାଏ । ଆଜି



ଦେଶରେ ବୈଧ ତଥା ଅବୈଧ ଭାବରେ ହଜାର-ହଜାର ସଂଖ୍ୟାରେ କଂସେଇଖାନା ଚାଲୁରହିଛି, ଯେଉଁଥିରେ ପ୍ରତିଦିନ ଲକ୍ଷ ଲକ୍ଷ ପଶୁମାନଙ୍କୁ ହତ୍ୟା କରାଯାଉଛି ।

# ଗୋ-ହତ୍ୟାର ପ୍ରତିଶୋଧ ନେବାକୁ ପଡ଼ିବ

## ଗାଈ ମଲେ ବଞ୍ଚିବ କିଏ ? ଗାଈ ବଞ୍ଚିଲେ ମରିବ କିଏ ?

ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଦୁଇଜଣ ବୈଜ୍ଞାନିକ ଡା. ମଦନମୋହନ ବଜାଜ, ଡା. ଅବ୍ରାହମ୍ ତଥା ଅନ୍ୟ ବୈଜ୍ଞାନିକ ଡା. ବିଜୟରାଜ ନିଜର ସନ୍ଦର୍ଭ ମାଧ୍ୟମରେ ଏହା ସାବ୍ୟସ୍ତ କରିଛନ୍ତି ଯେ ପୃଥିବୀରେ ଭୂମିକମ୍ପ, ସୁନାମୀ ଆଦି ପ୍ରାକୃତିକ ଦୁର୍ବିପାକ ତଥା ସୁପ୍ତ ଆଗ୍ନେୟଗିରିରୁ ଲାଭା ଉଦ୍‌ଗୀରଣ ମୁଖ୍ୟତଃ ଇ.ପି. ତରଙ୍ଗ ପ୍ରଭାବରୁ ହୋଇଥାଏ । ଏହି ତରଙ୍ଗ ଗାଈ ଏବଂ ଅନ୍ୟ ପ୍ରାଣୀମାନଙ୍କ ହତ୍ୟା ସମୟରେ ଉତ୍ପନ୍ନ ଦାରୁଣ ବେଦନା ଏବଂ ଚିତ୍କାର ଯୋଗୁଁ ସୃଷ୍ଟି ହୋଇଥାଏ । ହତ୍ୟା କରାଯାଉଥିବା ଗାଈର ଚିତ୍କାର ଯୋଗୁଁ ପୃଥିବୀର ରକ୍ଷା କବଚ କୁହାଯାଉଥିବା ଓଜନ ସ୍ତରରେ ୨କୋଟି୭୦ ଲକ୍ଷ ବର୍ଗ କି.ମି. ଆୟତନର ଛିଦ୍ର ହୋଇଛି । ଯଦି ଗୋହତ୍ୟା ଏପରିଭାବେ ଚାଲୁରହେ, ତେବେ ସନ୍ ୨୦୨୦ ମସିହା ବେଳକୁ ପ୍ରଳୟର ସମ୍ଭାବନା ନିଶ୍ଚିତ ଅଟେ । ପଶୁ ହତ୍ୟା ଯୋଗୁଁ ପୃଥିବୀର ତାପମାନ କ୍ରମାଗତ ବଢ଼ିଚାଲିଛି ।



## ଆପଣ ଜାଣନ୍ତି କି ?

?

ଦେଶ ସ୍ୱାଧୀନ ହେବା ସମୟରେ ଥିଲା- ୯୦ କୋଟି ଗୋଧନ
ସନ୍ ୨୦୦୦ ମସିହାରେ ରହିଲା- ୧୦କୋଟି ଗୋଧନ
ସନ୍ ୨୦୧୦ ମସିହାରେ ରହିଲା- ୧ କୋଟି ଗୋଧନ ।

ଗୋମାତା ସଚରାଚର ଜଗତର ମାତା ଅଟେ । ଏହାର ରକ୍ଷା କରିବା ଆମର ନୈତିକ କର୍ତ୍ତବ୍ୟ । ଅଥର୍ବବେଦରେ କୁହାଯାଇଛି : **ଗୋହତ୍ୟାକାରୀକୁ କାଚ ଗୁଳିରେ ମାରିଦିଅ ।** ଏଣୁ, ହେ ଭାରତବାସୀ ! ଜାଗ୍ରତ ହୁଅ ଏବଂ ଗୋବଂଶର ହତ୍ୟା ରୋକିବାକୁ ଆଗେଇ ଆସ । ଗୋମାତା ପୃଥିବୀର ଗୌରବ ଅଟେ ।

ଭାରତର ୪୦ କୋଟି ଏକର ଭୂମିରେ ଉତ୍ପାଦନ ତଥା ଛୋଟ-ବଡ଼ ଭୂଖଣ୍ଡରେ ଅନୁକୂଳ କୃଷିକାର୍ଯ୍ୟ କେବଳ ଗୋବଂଶ ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ । ଗାଈଠାରୁ ପ୍ରାପ୍ତ ବିଭିନ୍ନ ପ୍ରଦାର୍ଥରୁ ବିଭିନ୍ନ ଉତ୍ପାଦନ ପ୍ରସ୍ତୁତ ହୋଇଥାଏ, ଯାହା ମାନବ ଜୀବନ ପାଇଁ ଅତି ଆବଶ୍ୟକ ଅଟେ ।

## ଗାଈ ଧରିତ୍ରୀର ବରଦାନ ଯାହାର ମହିମା ମହାନ ।

✻ ଗୋମାତାର ଦର୍ଶନ ଏବଂ ଗାଈଖୁରାର ଧୂଳି ମସ୍ତକରେ ଲଗାଇଲେ ଭାଗ୍ୟରେଖା ବଦଳିଯାଏ, ଘରେ ସୁଖ, ସମୃଦ୍ଧି ଏବଂ ଶାନ୍ତି ବିରାଜମାନ କରେ ।

✻ ଯେଉଁଠାରେ ଗାଈ-ଗୋରୁ ରହନ୍ତି, ସେ ସ୍ଥାନକୁ ତୀର୍ଥଭୂମି କୁହାଯାଏ ଏବଂ ସେ ଭୂମିରେ ଯେଉଁ ଲୋକର ମୃତ୍ୟୁ ହୁଏ ତାହାର ତତ୍କାଳ ସଦ୍‌ଗତି ହୋଇଥାଏ, ଏହା ନିଶ୍ଚୟ ଅଟେ । **(ବ୍ରହ୍ମବୈବର୍ତ୍ତ ପୁରାଣ, ଶ୍ରୀକୃଷ୍ଣ ଜନ୍ମ ଖଣ୍ଡ : ୨୧-୯୧-୯୩)**

✻ ଗାଈକୁ ଭୋଜନ ଦେଲେ ତଥା ତାହାର ପରିକ୍ରମା କଲେ ମନୋକାମନା ପୂର୍ଣ୍ଣ ହୁଏ, ଅକ୍ଷୟ ଧନ-ସମ୍ପତ୍ତି ମିଳେ ଓ ଅଭିଷ୍ଟ ପ୍ରାପ୍ତି ହୋଇଥାଏ ।



✻ ଗାଈକୁ ସ୍ନେହରେ ଆଉଁଷିଲେ ଗ୍ରହପୀଡ଼ା, କଷ୍ଟ ଆଦି ଦୂର ହୁଏ ।

✻ ଗାଈ ଶରୀରର ପ୍ରତ୍ୟେକ ରୋମରୁ ଗୁଗୁଳ ଭଳି ପବିତ୍ର ସୁଗନ୍ଧ ଆସିଥାଏ । ତା'ର ଶରୀରରୁ ଅନେକ ପ୍ରକାର ବାୟୁ ଉତ୍ପନ୍ନ ହୋଇଥାଏ, ଯାହା ବାତାବରଣକୁ କୀଟମୁକ୍ତ କରି ପବିତ୍ର କରିଥାଏ ।

## ||ଯଜ୍ଞ ଦ୍ୱାରା ଜୀବନ ରକ୍ଷା||

ଦେଶୀ ଗାଈର ଗୋବର ଘସି ଉପରେ ଗାଈ ଘିଅ, ଯବ, ରାଶି, ଚାଉଳ ଏବଂ ମିଶ୍ରି ଅଥବା ଚିନି ପକାଇ ହୋମ କଲେ ମହତ୍ତ୍ୱପୂର୍ଣ୍ଣ ବାଷ୍ପ ଉତ୍ପନ୍ନ ହୋଇଥାଏ । ଏଥି ମଧ୍ୟରୁ ପ୍ରୋପିଲୀନ୍ ଅକ୍ସାଇଡ୍ ନାମକ ବାଷ୍ପ ବର୍ଷା କରାଇବାରେ ସହାୟକ ହୋଇଥାଏ । ଏଥିଲୀନ୍ ଅକ୍ସାଇଡ୍ ନାମକ ବାଷ୍ପ ସଂକ୍ରାମକ ରୋଗରେ ଏବଂ ଜୀବନ ରକ୍ଷକ ଔଷଧରୂପେ ପ୍ରୟୋଗ କରାଯାଇଥାଏ । ଏହା ଦ୍ୱାରା ପରିବେଶ ଶୁଦ୍ଧ, ପବିତ୍ର ତଥା ଆରୋଗ୍ୟ ପ୍ରଦାନକାରୀ



ହୋଇଥାଏ । ଏହି କାରଣରୁ ପ୍ରାଚୀନ କାଳରେ ଆମର ପୂର୍ବପୁରୁଷ, ରାଜା-ମହାରାଜା, ଋଷି-ମୁନି, ସନ୍ଥ-ମହାତ୍ମା କ୍ରମାଗତ ଭାବେ ଅଶ୍ୱମେଧ, ବିଷ୍ଣୁଜାଗ, ସହସ୍ରକୁଣ୍ଡୀ ଇତ୍ୟାଦି ଯଜ୍ଞ କରିଆସୁଥିଲେ । ଏଥିଯୋଗୁଁ ପ୍ରଚୁର ବର୍ଷା ହେଉଥିଲା, ପରିବେଶ ଶୁଦ୍ଧ ଓ ପବିତ୍ର ହେଉଥିଲା ଏବଂ ମହାମାରୀ ବ୍ୟାପୀ ପାରୁନଥିଲା ।

## ଅବକାଶୀୟ ଊର୍ଜା (Cosmic energy) ର ସଂଗ୍ରହକାରୀ :

ଅନ୍ତରୀକ୍ଷରେ ଅସଂଖ୍ୟ ତାରା, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ଏବଂ ଅସଂଖ୍ୟ ଆକାଶ ଗଙ୍ଗା ଅଛନ୍ତି । ଆକାଶରୁ ଦିନରାତି ଅନେକ ପ୍ରକାରର ଊର୍ଜାର ବର୍ଷା ପୃଥିବୀ ଉପରେ ହେଉଥାଏ । ସେହି ଊର୍ଜାର ଆହୋରଣ କାର୍ଯ୍ୟ ଗାଈର ଶିଙ୍ଗ କରିଥାଏ । ଗାଈର ଶିଙ୍ଗର ଆକାର ପିରାମିଡ଼ ପରି ହିଁ ହୋଇଥାଏ । ଏହା ଏକ ଶକ୍ତିଶାଳୀ 'ଏଣ୍ଟିନା' ଅଟେ । ଶିଙ୍ଗ ସାହାଯ୍ୟରେ ଗାଈ ସମସ୍ତ ମହାକାଶୀୟ ଶକ୍ତିକୁ ଶରୀରରେ ସଞ୍ଚୟ କରିନେଇଥାଏ ଏବଂ ସେହି ଶକ୍ତି ଆମକୁ ଗୋଝରଣ, କ୍ଷୀର ଏବଂ ଗୋବର ମାଧ୍ୟମରେ ପ୍ରଦାନ କରିଥାଏ । ଏହା ବ୍ୟତୀତ ଗାଈର ପିଠି ଉପରେ ଥିବା କୁଜ ସହାୟତାରେ ସୂର୍ଯ୍ୟ-ଅବକାଶ ସମ୍ବନ୍ଧୀତ ଅନେକ ତତ୍ତ୍ୱକୁ ଶରୀରରେ କ୍ଷୀର, ଗୋଝରଣ ତଥା ଗୋବର ଦ୍ୱାରା ଆମକୁ ପ୍ରଦାନ କରିଥାଏ । ଗୋମୂତ୍ର ଅବକାଶୀୟ ଶକ୍ତିର ଭଣ୍ଡାର ଅଟେ ।

# ଗୋମୂତ୍ର ଚିକିତ୍ସା



ଗୋମୂତ୍ର ବିଷାଣୁନାଶକ, ରକ୍ତବିକାର ଏବଂ ବାତ-ପିତ୍ତ-କଫଜନିତ ବିକାର ଦୂର କରିବା ପାଇଁ ଏକ ଶ୍ରେଷ୍ଠ ଏବଂ ପବିତ୍ର ରସାୟନ ଅଟେ । ଏହା ଶାରୀରିକ, ମାନସିକ ଉଭୟ ପ୍ରକାର ରୋଗର ବିନାଶ କରିଥାଏ । ଗୋଝରଣ ପ୍ରତିଜୈବିକ (ଆଣ୍ଟିବାୟୋଟିକ୍) ଅଟେ ତଥା ସତ୍ତ୍ୱଗୁଣର ବୃଦ୍ଧି କରାଇଥାଏ । ଏହା ଶରୀରରେ ଶ୍ୱେତ ରକ୍ତକଣିକାର ବୃଦ୍ଧି କରାଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇଥାଏ । ଏହାକୁ ସେବନ କଲେ ଶରୀରର ବିଷ ମଳ-ମୂତ୍ର ଏବଂ ଝାଳ ଦ୍ୱାରା ନିଷ୍କାସିତ ହୋଇଥାଏ ।

ଗୋଝରଣ ଶରୀର ପାଇଁ ଆବଶ୍ୟକ ଭିଟାମିନ କ,ଖ,ଗ,ଘ ଏବଂ ଙର ପୂରଣ କରିଥାଏ । ଏହାର ସେବନ ଦ୍ୱାରା ପ୍ରାଣଶକ୍ତି ବୃଦ୍ଧି ହୋଇଥାଏ । ଏହା ବୃକ୍କ ସମ୍ବନ୍ଧୀୟ ରୋଗ ଦୂର କରି ବୃକ୍କର ସକ୍ରିୟତା ଓ କ୍ଷମତା ବଢ଼ାଇଥାଏ ।

**❋କୋଷ୍ଠକାଠିନ୍ୟ ନିବାରକ :** ଗୋଝରଣ କୋଷ୍ଠକାଠିନ୍ୟ ଦୂର କରି ଅନ୍ତନାଳୀରେ ଲାଖି ରହିଥିବା ବର୍ଷ ବର୍ଷର ପୁରୁଣା ମଳକୁ ନିଷ୍କାସନ କରିଦେଇଥାଏ । ପରିସ୍ରା ସମୟରେ ହେଉଥିବା କଷ୍ଟ, ରହି ରହି ହେଉଥିବା ପରିସ୍ରା ଅଥବା ବାରମ୍ବାର ପରିସ୍ରା କରିବା, ଶିଥିଳତା ଅନୁଭବ କରିବା ଆଦି ସମସ୍ତ ରୋଗ ଗୋଝରଣ ସେବନ ଦ୍ୱାରା ଦୂର ହୋଇଥାଏ ଏବଂ ସ୍ନାୟୁ ସକ୍ରିୟ ହୋଇଥାଏ । ଅଧିକ କୋଷ୍ଠକାଠିନ୍ୟ ହେଲେ ଗୋଝରଣରେ ୨ରୁ ୩ ଗ୍ରାମ୍ ହରିଡ଼ାର ଚୂର୍ଣ୍ଣ ମିଶାଇ କରି ୪୫ ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ସେବନ କରିବା ଉଚିତ । ଏହାର ଅଧଘଣ୍ଟା ପୂର୍ବରୁ ବା ପରେ ଅନ୍ୟ କିଛି ଭୋଜନ ନ କରିବା ଉଚିତ ।

**❋ କୃମିନାଶକ :** ଗୋଝରଣ କୃମିନାଶକ ଅଟେ । ୧୦-୨୫ ମି.ଲି. ଗୋଝରଣ ପିଲାମାନଙ୍କୁ ଦେଲେ ସେମାନଙ୍କ ପେଟରେ ଥିବା କୃମି ନାଶ ହୋଇଥାଏ । (ବୟସ୍କମାନେ ୫୦ ମି.ଲି. ସେବନ କରିବା ଉଚିତ ।)

**✻ ବଦହଜମୀ-ମନ୍ଦାଗ୍ନି :** ମନ୍ଦାଗ୍ନି ରୋଗୀମାନଙ୍କର ଖାଦ୍ୟ ହଜମ ହୁଏ ନାହିଁ । ଭୋକ ଲାଗେ ନାହିଁ, ପେଟ ଓଜନିଆ ଲାଗେ, ଅସ୍ୱସ୍ତି ଓ ଆଳସ୍ୟ ଲାଗେ । ମନ୍ଦାଗ୍ନି ପୀଡ଼ିତ ରୋଗୀଙ୍କୁ ୫୦ମି.ଲି. ଗୋଝରଣରେ ଏକ ଚାମଚ ଶୁଣ୍ଠି, ଅଧ ଚାମଚ ପିପରାମୂଳ ତଥା ୨ ଚାମଚ ମହୁ ମିଶାଇ ଖୁଆଇବା ଉଚିତ । ଏହି ପ୍ରୟୋଗ ୪୫ ଦିନ କରିବ ।

**✻ ପୀଡ଼ାନାଶକ :** ଗୋଝରଣରେ ପୀଡ଼ାନାଶକ ତତ୍ତ୍ୱ ପ୍ରଚୁରମାତ୍ରାରେ ଅଛି । ଏହାର ସେବନ ଦ୍ୱାରା ଆଣ୍ଠୁ ପୀଡ଼ା, ଅଣ୍ଟା ପୀଡ଼ା, ମୁଣ୍ଡ ବ୍ୟଥା, ସ୍ନାୟବିକ ପୀଡ଼ା ଆଦି ଅନେକ ପ୍ରକାର ଯନ୍ତ୍ରଣାରେ ଉପଶମ ମିଳିଥାଏ । ସ୍ନାୟବିକ ପୀଡ଼ାରେ ଗୋଝରଣର ମାଲିଶ କଲେ ଉପକାର ମିଳିଥାଏ । ଦାନ୍ତ ପୀଡ଼ାରେ ଏହାକୁ କୁଳି କଲେ ଉପକାର ମିଳିଥାଏ ।

**✻ ଆଣ୍ଠୁଗଣ୍ଠି ପୀଡ଼ା ଓ ସନ୍ଧିବାତ :** ୨ ଚାମଚ ଜଡ଼ାତେଲ ଏବଂ ଏକ ଚାମଚ ଶୁଣ୍ଠି ଚୂର୍ଣ୍ଣ ଗୋଝରଣରେ ମିଶାଇ ଗରମ କରି ଭଲଭାବେ ଫେଣ୍ଟି ସେବନ କଲେ କଷ୍ଟ ଦୂର ହୋଇଥାଏ ।

**✻ ଜିହ୍ୱାରୋଗ :** ତମାଖୁ ଆଦି ସେବନ ତଥା ଅନ୍ୟ କୌଣସି କାରଣରୁ ସ୍ୱାଦ ଅଥବା ରସ ଚିହ୍ନି ନ ପାରିବା ଜନିତ ରୋଗରେ ଗୋଝରଣକୁ କୁଳି କରିବା ଦ୍ୱାରା ସ୍ୱାଦ ଇନ୍ଦ୍ରିୟ ସଚେତ ହୋଇଥାଏ ।

**✻ ଆଖି :** ଛଣା ହୋଇଥିବା ଗୋଝରଣ ପିଇବା ତଥା ଆଖିରେ ପକାଇଲେ ନେତ୍ରଜ୍ୟୋତି ବୃଦ୍ଧି ହୋଇଥାଏ । ଚଷମାର ନମ୍ବର ହ୍ରାସ ପାଇଥାଏ । ଆଖିରୁ ପାଣି ବୋହିବା, ଆଖି ଲାଲ୍ ପଡ଼ିବା ଆଦି ରୋଗ ଦୂର ହୋଇଥାଏ । ଗାଈ ଘିଅକୁ ଆଖିରେ ଅଞ୍ଜନ କରି ଲଗାଇଲେ ନେତ୍ରଜ୍ୟୋତି ଚମତ୍କାର ଭାବେ ବୃଦ୍ଧିପ୍ରାପ୍ତ ହୋଇଥାଏ ।

**✻ କାନ :** ଛଣା ହୋଇଥିବା ଗୋଝରଣ ପାନ କଲେ ଏବଂ କାନରେ ପକାଇଲେ କାନର ମଇଳା ବାହାରିଯାଏ, ପୂଜ ବୋହିବା, କାନ କୁଣ୍ଡାଇହେବା ବନ୍ଦ ହୋଇଥାଏ ତଥା ଶ୍ରବଣଶକ୍ତି ବୃଦ୍ଧିପ୍ରାପ୍ତ ହୋଇଥାଏ ।

**✻ ଚର୍ମରୋଗ :** ଗୋଝରଣ ପିଇଲେ ତଥା ଗୋବରରସ ଏବଂ ଗୋମୂତ୍ର ମିଶାଇ ମାଲିଶ କଲେ ଲୋମକୂପ ଖୋଲିଯାଏ, ଚର୍ମରୋଗ ଦୂର ହୁଏ ଏବଂ

ଝାଳର ନିୟନ୍ତ୍ରଣ ହୋଇଥାଏ ।

✻ **ମେଦବୃଦ୍ଧିନାଶକ :** ଗୋଝରଣ ବାତ ଏବଂ କଫ ନାଶ କରି ଚର୍ମ ତଳେ ଏକତ୍ର ହୋଇଥିବା ଚର୍ବିକୁ ତରଳ କରି ସ୍ଥୂଳତା କମ୍ କରିଥାଏ । ଶରୀରକୁ ପତଳା ଏବଂ ସୁଢ଼ଳ କରିଥାଏ । ସ୍ଥୂଳତା ଅନେକ ରୋଗର କାରଣ ଅଟେ ।

✻ **କୋଲେଷ୍ଟ୍ରୋଲ୍ ନିୟନ୍ତ୍ରକ :** ଗୋଝରଣରେ ଅନେକ ପ୍ରକାର ଅମ୍ଳ (ଏସିଡ୍) ଏବଂ ସୁପାଚ୍ୟ ୟୁରିକ୍ କ୍ଷାର/ଅମ୍ଳ ଥାଏ, ଯାହା ମାତ୍ରାଧିକ କୋଲେଷ୍ଟ୍ରୋଲ୍‌କୁ ଦୂର କରି ରକ୍ତକୁ ସ୍ୱଚ୍ଛ କରି ସଂକ୍ରମଣ ମୁକ୍ତ ତଥା ପତଳା କରିଥାଏ ।

✻ **ଉତ୍କୃଷ୍ଟ ରୋଗାଣୁରୋଧକ (ଆଣ୍ଟିସେପ୍‌ଟିକ୍) :** ଶରୀରର କ୍ଷତକୁ ଗୋମୂତ୍ର ଦ୍ୱାରା ଧୋଇଲେ ଅଥବା ପୋଡ଼ା ସ୍ଥାନରେ ଲଗାଇଲେ ତାହା ପାଚେ ନାହିଁ । କ୍ଷତ ସ୍ଥାନରେ ଗୋଝରଣର ପଟି ବାନ୍ଧିଲେ ତହିଁରେ ଥିବା ଜୀବାଣୁ ନାଶ ହୋଇଯାନ୍ତି ।

✻ **ପ୍ରଭାବଶାଳୀ କୀଟାଣୁନାଶକ :** ଗୋଝରଣରେ ୧୬ ପ୍ରକାର ଅମ୍ଳ (ଏସିଡ୍) ମିଳିଥାଏ । ଯାହା ବାତାବରଣକୁ କୀଟାଣୁ ନାଶ କରି ପବିତ୍ର ଏବଂ ଆରୋଗ୍ୟପ୍ରଦ କରିଥାଏ । ଏଥିପାଇଁ ହିନ୍ଦୁ ଧର୍ମରେ ସମସ୍ତ ୧୬ ସଂସ୍କାର ଏବଂ ଧାର୍ମିକ କାର୍ଯ୍ୟ ଆରମ୍ଭରେ ଗୋଝରଣ ଏବଂ ଗୋବରର ଉପଯୋଗ କରାଯାଇଥାଏ ।

✻ **ଉତ୍ତମ ବିଷନାଶକ :** ବିଷାକ୍ତ ରାସାୟନିକ ସାର ଏବଂ କୀଟନାଶକ ଔଷଧ ପ୍ରଭାବରେ ଶସ୍ୟ, ପନିପରିବା, ଫଳ ଆଦି ବିଷାକ୍ତ ହୋଇଯାଇଥାଏ । ଯାହାକୁ ଖାଇଲେ ଶରୀରରେ ବିଷ ପ୍ରବେଶ କରିଥାଏ । ଏଲୋପ୍ୟାଥିକ ଔଷଧ ସେବନରେ ମଧ୍ୟ ଶରୀରରେ ବିଷ ଉତ୍ପନ୍ନ ହୋଇଥାଏ । ଏସବୁ ପ୍ରକାରର ବିଷ ଶରୀରରେ ଜମା ହୋଇ ଦୀର୍ଘ ଦିନ ପରେ କ୍ୟାନ୍‌ସର ଆଦି ଘାତକ ରୋଗ ସୃଷ୍ଟି କରିଥାଏ । ଏପରି ସମସ୍ତ ବିଷର ପ୍ରଭାବକୁ ଶମନ କରିବାରେ ଗୋଝରଣ ସଫଳ ହୋଇଥାଏ ।

✻ **ଯକୃତ-ରକ୍ଷକ :** ଗୋଝରଣ ଯକୃତ (ଲିଭର) ପାଇଁ ଏକ ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ଏବଂ ଶକ୍ତି ପ୍ରଦାୟକ ଔଷଧ ଅଟେ । ଯକୃତ ଦୁର୍ବଳ ହେଲେ କାମଳ ରୋଗ ହେବାର ସମ୍ଭାବନା ଥାଏ । ଗୋଝରଣ ଯକୃତର ରୋଗ ଦୂର କରି ତାହାକୁ କାର୍ଯ୍ୟକ୍ଷମ କରାଇଥାଏ ।

✲ ଗୋଝରଣରେ ଅନେକ ପ୍ରକାର ଅମ୍ଳ (ଏସିଡ୍) ଥିବା କାରଣରୁ କ୍ୟାନ୍ସରର ଗ୍ରନ୍ଥି ରକ୍ତରେ ମିଶ୍ରିତ ହୋଇଥାଉ, ମସ୍ତିଷ୍କରେ ଥାଉ ଅଥବା ଶରୀରର ଅନ୍ୟ କୌଣସି ଅଂଶରେ ହେଉ, ତାହାକୁ ମିଳାଇଦେବାରେ ସହାୟତା କରିଥାଏ । ଏହି ଅମ୍ଳ କୀଡ୍ନୀ ଅଥବା ମୂତ୍ରାଶୟର ପଥୁରୀକୁ ମିଳାଇଦେଇ ଶରୀରରୁ ବାହାର କରିଦେଇଥାଏ ।

✲ **ମସ୍ତିଷ୍କ ବଳଦାୟକ :** ଗୋଝରଣ ଜ୍ଞାନସ୍ନାୟୁକୁ କାର୍ଯ୍ୟଶୀଳ ଏବଂ ଗତିଶୀଳ କରାଇଥାଏ । ଯାହାଦ୍ୱାରା ସ୍ମରଣଶକ୍ତି ଓ ବୁଦ୍ଧିଶକ୍ତିର ବିକାଶ ହୋଇଥାଏ । ଏହା ମସ୍ତିଷ୍କକୁ ଶକ୍ତି ପ୍ରଦାନ କରିଥାଏ । ଅପସ୍ମାର ତଥା ମୂର୍ଚ୍ଛା ଭଳି ମସ୍ତିଷ୍କ ରୋଗ ଦୂର କରିବାରେ ଗୋଝରଣ ସହାୟତା କରିଥାଏ ।

✲ **ମଧୁମେହ :** ଦିନରେ ତିନିଥର ୫୦ ମି.ଲି. ଲେଖାଏଁ ଗୋଝରଣ ସେବନ କର । ମିଠାଖାଦ୍ୟ ତ୍ୟାଗ କର । ଭାତ, ଆଳୁ, ଛଣା ହୋଇଥିବା, ତେଲିଆ ଖାଦ୍ୟ ମଧ୍ୟ ତ୍ୟାଗ କର । ସକାଳେ-ସନ୍ଧ୍ୟାରେ ଏକ ଘଣ୍ଟା ଦ୍ରୁତଗତିରେ ଚାଲ ତଥା ଯୋଗାସନ ବ୍ୟାୟାମ କିମ୍ବା ସୂର୍ଯ୍ୟନମସ୍କାର କର ।

✲ **ଚର୍ମରୋଗ (ସୋରାଇସିସ୍, ଯାଦୁ-କାଛୁ-କୁଣ୍ଡିଆ) :** ଚର୍ମରୋଗ ପାଇଁ ଗୋଝରଣ ଏବଂ ଗୋବର ଅତ୍ୟନ୍ତ ପ୍ରଭାବଶାଳୀ ଚିକିତ୍ସା ଅଟେ । ପ୍ରଥମେ ଗୋଝରଣରେ ମାଲିଶ କରି ତା'ପରେ ଗାଈ ଗୋବରରେ ମାଲିଶ କର । ପୁଣି ସେଥିରେ ମୋଟା ପଟି ଦିଅ । କଅଁଳିଆ ଖରାରେ ଅଧଘଣ୍ଟା ପର୍ଯ୍ୟନ୍ତ ବସ । ପୁଣି ଗୋଝରଣରେ ମାଲିଶ କର । ଏକ ଘଣ୍ଟା ପରେ ନିମ୍ବ ପତ୍ର ପକାଇ ଫୁଟାଯାଇଥିବା ଗରମ ପାଣିରେ ସ୍ନାନ କର । ସକାଳେ-ସନ୍ଧ୍ୟାରେ ୫୦ ମି.ଲି. ଗୋଝରଣ ପିଅ । ଖଟା ଏବଂ ଛଣା ଖାଦ୍ୟ ଖାଅ ନାହିଁ । କିଛି ଦିନ ପାଇଁ ଲୁଣ ତ୍ୟାଗ କର । ଅଥବା ସାମାନ୍ୟ ମାତ୍ରାରେ ଖାଅ ।

## ଗୋଝରଣ ଉପଯୋଗରେ ସାବଧାନତା

କେବଳ ଦେଶୀ ସୁସ୍ଥ ଗାଈର ତାଜା ଝରଣ ହିଁ ଉପଯୋଗ କରିବା ଉଚିତ । ଗୋଝରଣକୁ ତମ୍ବା ଅଥବା ପିତ୍ତଳ ପାତ୍ରରେ ରଖିବା ଉଚିତ ନୁହେଁ । ମାଟି, କାଚ, ଚିନାମାଟି ଅଥବା ଷ୍ଟିଲ ପାତ୍ରରେ ରଖାଯାଇପାରେ । ତାଜା ଝରଣ ୨୪ ଘଣ୍ଟା ମଧ୍ୟରେ ସେବନ ଯୋଗ୍ୟ ଅଟେ । ଗୋଝରଣ ଅର୍କ ଅଧିକ ସମୟ ପର୍ଯ୍ୟନ୍ତ

ଉପଯୋଗ କରିପାରିବେ ।

ଗୋମୂତ୍ରରେ ଅର୍କ ସକାଳେ ଖାଲି ପେଟରେ ପାଣି ମିଶାଇ ତତ୍‌ସମ୍ବନ୍ଧୀୟ ପ୍ରଦତ୍ତ ନିର୍ଦ୍ଦେଶ ଅନୁଯାୟୀ ସେବନ କରିବା ଉଚିତ । ଗୋମୂତ୍ରରେ ପିଇବାର ଏକ ଘଣ୍ଟା ପୂର୍ବରୁ ଏବଂ ପରେ ଅନ୍ୟ କିଛି ଖାଇବା ଉଚିତ ନୁହେଁ । ସେବନର ମାତ୍ରା ସ୍ଥାନ, ଋତୁ, ପ୍ରକୃତି ଓ ବୟସ ଅନୁଯାୟୀ ପରିବର୍ତ୍ତନ କରାଯାଇପାରେ । ସାଧାରଣତଃ ଜଣେ ବ୍ୟକ୍ତି ୫୦ରୁ ୧୦୦ମି.ଲି. ଗୋମୂତ୍ରରେ ସେବନ କରିପାରିବ ।

## 'ଗୋ ସ୍ୱାସ୍ଥ୍ୟ ବର୍ଦ୍ଧିନୀ' ଉପଯୋଗୀ ଉପଚାର

(କ) ପିଲାମାନଙ୍କର ଶୁଖିଲା କାଶ ହେଲେ ଗୋମୂତ୍ରରେ ହଳଦୀଗୁଣ୍ଡ ମିଶାଇ ପିଇବାକୁ ଦିଅ ।

(ଖ) ଜଳୋଦର ରୋଗରେ ରୋଗୀକୁ କେବଳ ଗାଈ କ୍ଷୀର ପିଇବାକୁ ଦିଅ । ଗୋମୂତ୍ରରେ ମହୁ ମିଶାଇ ନିୟମିତ ଭାବରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ପିଇବାକୁ ଦିଅ । ପ୍ରସବ ପରେ ସୂତିକା ରୋଗରେ ଗୋମୂତ୍ରରେ ସେବନ କଲେ ଉପକାର ମିଳିଥାଏ ।

(ଘ) ଗୋଦର ରୋଗରେ ଗୋମୂତ୍ରରେ ସକାଳେ ଖାଲିପେଟରେ ପିଅ ।

(ଙ) ଗୋମୂତ୍ରରେ ମସ୍ତକରେ ଭଲ ଭାବରେ ମାଲିଶ କର । ଶୁଖିଗଲା ପରେ ଧୋଇ ଦିଅ । ଏଥିରେ କେଶ ସୁନ୍ଦର ହୋଇଥାଏ ।

(ଚ) ଗୋମୂତ୍ରରେ ପୁରୁଣା ଗୁଡ଼ ଏବଂ ହଳଦୀ ଗୁଣ୍ଡ ମିଶାଇ ପାନ କଲେ ଯାଦୁ,କୁଷ୍ଠରୋଗ ଏବଂ ଗୋଦର (ଫାଇଲେରିଆ) ରୋଗରେ ଉପକାର ମିଳେ ।

(ଛ) ଉଚ୍ଚ ରକ୍ତଚାପ ପ୍ରତ୍ୟହ ୫୦ ଗ୍ରାମ୍ ଗୋମୂତ୍ରରେ ସକାଳେ-ସନ୍ଧ୍ୟାରେ ସେବନ କର ।

(ଜ) ୧-୩ ଗ୍ରାମ୍ ମୋଚରସ ମିଶ୍ରିଯୁକ୍ତ କ୍ଷୀର ସହିତ ସେବନ କଲେ ସ୍ୱପ୍ନଦୋଷ ଦୂର ହୁଏ ।

✻ ଗୋଦୁଗ୍ଧ : ଗୋଦୁଗ୍ଧ ପୃଥିବୀର ଅମୃତ । ଏହା ସମ୍ପୂର୍ଣ୍ଣ ଆହାର ତଥା ଅମୂଲ୍ୟ ଔଷଧ ଅଟେ । ପିଲାଙ୍କଠାରୁ ଆରମ୍ଭ କରି ବଡ଼-ବୃଦ୍ଧ ସମସ୍ତଙ୍କ ପାଇଁ ଉପକାରୀ ଅଟେ । ଏହା ବଳ-ବୁଦ୍ଧି, ସ୍ମରଣଶକ୍ତି ଏବଂ ରକ୍ତବର୍ଦ୍ଧକ, ଆୟୁବୃଦ୍ଧିକାରକ ରସାୟନ ଅଟେ । ଚରକ ସଂହିତାରେ ଉଲ୍ଲେଖ ଅଛି : **ପ୍ରବରଂ ଜୀବନୋୟାନାଂ କ୍ଷୀରମୁକ୍ତଂ ରସାୟନମ୍ ।** ଅର୍ଥାତ୍ 'ଗୋଦୁଗ୍ଧ ଜୀବନୀଶକ୍ତି ବୃଦ୍ଧିକାରୀ ଶ୍ରେଷ୍ଠ

ରସାୟନ ।' ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ, ବୁଦ୍ଧି କୁଶାଗ୍ର ହୋଇଥାଏ ।

**ଗୋ-ଦହି :** ଗାଈର ଦହିରୁ ଉତ୍ପନ୍ନ ସୂକ୍ଷ୍ମ ଜୀବାଣୁ ଅନ୍ତଃନାଳୀରେ ବିଷାଣୁ ସୃଷ୍ଟି ହେବାକୁ ଦିଏ ନାହିଁ । ଦହିକୁ ମନ୍ଥନ କରି ଉଚିତ ମାତ୍ରାରେ ସେବନ କଲେ ଭୋକ ଏବଂ ହଜମ ଶକ୍ତି ବଢ଼ିଥାଏ । କ୍ୟାନ୍‌ସର ପାଇଁ ଦହି ଏକ ପ୍ରଭାବଶାଳୀ ଔଷଧ ଅଟେ ।

ଗାଈର କ୍ଷୀର, ଦହି, ଘିଅ, ଗୋମୂତ୍ର ଏବଂ ଗୋବର ରସ ଏକ ନିଶ୍ଚିତ ଅନୁପାତରେ ମିଶ୍ରଣ କରି ପଞ୍ଚଗବ୍ୟ ପ୍ରସ୍ତୁତ କରାଯାଏ । ପଞ୍ଚଗବ୍ୟ ମନୁଷ୍ୟ ଶରୀରକୁ ଶୁଦ୍ଧ କରି ସୁସ୍ଥ, ସାତ୍ତ୍ୱିକ ଏବଂ ବଳବାନ କରିଥାଏ । ଏହାର ସେବନ ଦ୍ୱାରା ଶରୀର, ମନ, ବୁଦ୍ଧିର ବିକାର ଦୂର ହୋଇ ଆୟୁଷ, ବଳ ଏବଂ ତେଜ ବୃଦ୍ଧି ହୋଇଥାଏ । ନିମ୍ନ ମନ୍ତ୍ରକୁ ତିନିଥର ଉଚ୍ଚାରଣ କରିବା ପରେ ଖାଲିପେଟରେ ସେବନ କରିବା ଉଚିତ । ପଞ୍ଚଗବ୍ୟ ସେବନ କରିବା ମନ୍ତ୍ର :



**ଯତ୍ ତ୍ୱଗସ୍ଥିଗତଂ ପାପଂ ଦେହେ ତିଷ୍ଠତି ମାମକେ ।**
**ପ୍ରାଶନାତ୍ ପଞ୍ଚଗବ୍ୟସ୍ୟ ଦହତ୍ୱଗ୍ନିରିବେନ୍ଧନମ୍ ।**

# ।। ଗୋ-ସଂସ୍କୃତି ।।

କୃଷି, ଗୋ-ପାଳନ, ବଗିଚା ଏବଂ ଏହି ତିନୋଟି ସହିତ ସଂଶ୍ଲିଷ୍ଟ ଉଦ୍ୟୋଗ (କାମଧନ୍ଦା) ଉପରେ ନିର୍ଭରଶୀଳ ଏକ ଜୀବନ ଶୈଳୀ ଅଟେ । ଗୋ-ସଂସ୍କୃତି ଅର୍ଥାତ୍ ବହୁ ଆମଦାନୀ ପ୍ରଦାନକାରୀ କୃଷି ପ୍ରଣାଳୀ ଉପରେ ନିର୍ଭରଶୀଳ ଜୀବନ ବ୍ୟବସ୍ଥା ।

❋ ଗୋ-ସଂସ୍କୃତି ଆଧୁନିକ ବିଜ୍ଞାନର ଅତ୍ୟାଧୁନିକ ସ୍ଥାପନା ଏବଂ ବିଶ୍ଳେଷଣର ଆଧାରଭୂତ ତଥ୍ୟ ପର୍ଯ୍ୟବସିତ ।

❋ ଏହି ଜୀବନଶୈଳୀ ପ୍ରାକୃତିକ ପରିବେଶର ବିଶୁଦ୍ଧତା ସହିତ ସର୍ବନିମ୍ନ

ପରିବର୍ତ୍ତନ ସହ ଅର୍ଥାତ୍ ପ୍ରକୃତିରେ ଯେତେ ପ୍ରାଣୀ, ପଶୁ, ପକ୍ଷୀ, ଜଳ, ଜୀବ ଓ ଜୀବାଣୁ ଆଦି ଅଛନ୍ତି, ସେ ସମସ୍ତଙ୍କ ସହିତ ନିଜର ଭାରସାମ୍ୟ ରକ୍ଷା କରି ବଞ୍ଚିବାର କଳା ।

✻ ଗୋବର ତେଜଷ୍କ୍ରିୟ ବିକିରଣକୁ ଶୋଷିଥାଏ ଏବଂ ଇନ୍ଧନ, ସାର ଆଦିର ଆବଶ୍ୟକତା ପୂରା କରିଥାଏ ।

✻ ଗୋସେବା କେନ୍ଦ୍ରିତ ଜୀବନ-ପଦ୍ଧତି, ଗୋଶାଳା କେନ୍ଦ୍ରିତ ଗ୍ରାମୋଦ୍ୟୋଗ ଏବଂ ଗୋଚର କେନ୍ଦ୍ରିତ କୃଷି ଦ୍ୱାରା ସ୍ଥାୟୀ, ସାମୂହିକ ଏବଂ ସନ୍ତୁଳିତ ବିକାଶ ସମ୍ଭବ ଅଟେ ।



✻ ଅଧାଟନ ଓଜନର ଗାଈ ରାତି-ଦିନରେ (୨୪ ଘଣ୍ଟାରେ) ୧୨ ୱାଟ୍ ଉତ୍ତାପ ପ୍ରଦାନ କରିଥାଏ । ଗୋବଂଶ ପ୍ରାୟ ୩୦ ହଜାର ମେଗାୱାଟ ସମକକ୍ଷ ଶକ୍ତି ପ୍ରଦାନ କରିଥାଏ । ଗାଈମାନଙ୍କ ପାଇଁ ଗୋଶାଳାଗୁଡ଼ିକ ଆଶ୍ରୟସ୍ଥଳ ଅଟେ, ଯାହା ଶକ୍ତି ଉତ୍ପାଦନର କେନ୍ଦ୍ର ହୋଇପାରିବ ।

✻ ଗୋଧନ ଦ୍ୱାରା ବିକଶିତ ଶସ୍ୟ ଏବଂ ଧନମାନବତାକୁ ହୃଦୟହୀନ ଏବଂ ଜଡ଼ତାରୁ ବିରତ କରାଏ ।

✻ ଆଧୁନିକ ସଭ୍ୟତା ପ୍ରାକୃତିକ ସମ୍ପଦର ଆଖିବୁଜା ଶୋଷଣ କରି ଆସୁଅଛି । ଗତ ୫୦-୬୦ ବର୍ଷ ମଧ୍ୟରେ ପୃଥିବୀର ପର୍ଯ୍ୟାବରଣ ଅତିମାତ୍ରାରେ ପ୍ରଦୂଷିତ ହୋଇସାରିଛି । ବିଶ୍ୱର ସମସ୍ତ ପ୍ରବୁଦ୍ଧ ବୈଜ୍ଞାନିକମାନେ ଏହି ସ୍ଥିତି ପାଇଁ ଚିନ୍ତିତ ।

## ଗୋ ଆଧାରିତ କୃଷି

(କ) ରାସାୟନିକ ସାରର ବ୍ୟବହାର ଚାଷ ଜମିର ମାଟି ସଂରଚନା ଉପରେ ଖରାପ ପ୍ରଭାବ ପକାଇଥାଏ ଏବଂ ଦୀର୍ଘ ସମୟ ଧରି ଏହାର ପ୍ରୟୋଗ କ୍ଷେତକୁ ଅନୁର୍ବର କରିଦେଇଥାଏ ।




(ଖ) ଆଧୁନିକ କୃଷି ପ୍ରଣାଳୀରେ ରାସାୟନିକ କୀଟନାଶକଗୁଡ଼ିକର ମଧ୍ୟ ଏହି ଭୂମିକା ଅଛି । ଶସ୍ୟ, ଫଳ ଏବଂ ପନିପରିବା ଉତ୍ପାଦନରେ ଏହା ସାମାନ୍ୟ ଲାଭ କରାଇଥାଏ, କିନ୍ତୁ କ୍ରମାଗତ ବ୍ୟବହାର ଫଳରେ ସ୍ଥାନୀୟ ପରିବେଶ ଯଥା ମାଟି, ପାଣି ଏବଂ ବାୟୁମଣ୍ଡଳକୁ ଏହା ବିଷାକ୍ତ କରିଦେଇଥାଏ । ଏହି ପ୍ରକ୍ରିୟା ସମୟକ୍ରମେ ଆଖପାଖର ସମସ୍ତ ପ୍ରାଣୀ-ମନୁଷ୍ୟ, ପାଳିତ ପଶୁ, କୀଟ-ପତଙ୍ଗ ଏବଂ ଚାଷ ଜମିର ଅନୁକୂଳ ଜୀବାଣୁ ଉପରେ ମରଣାନ୍ତକ ପ୍ରଭାବ ପକାଇଥାଏ ।

(ଗ) ପାରମ୍ପରିକ ଅଥବା ପ୍ରାଚୀନ କୃଷି ଶୈଳୀରେ ଗାଈ ଗୋବରର ବ୍ୟବହାର କେବଳ ଇନ୍ଧନ ପାଇଁ ଘଷି ଅଥବା ଚାଷ ପାଇଁ ଖତ ପ୍ରସ୍ତୁତି ପାଇଁ ହେଉଥିଲା । ଏବେ ଆମେ ଗୋବର ଗ୍ୟାସ ପ୍ଲାଣ୍ଟ, ଜୈବିକ କମ୍ପୋଷ୍ଟ ଖତ, ବ୍ୟାଟେରୀ ଉତ୍ପ୍ରେରକ ଏବଂ ଜୀଆଖତ ଆଦିରେ ଅତ୍ୟଧିକ ଉପଯୋଗ କରିବା ଉଚିତ ।

(ଘ) ପୂର୍ବରୁ ଗୋଝରଣର ନାମମାତ୍ର ବ୍ୟବହାର ହୋଇପାରୁଥିଲା, କିନ୍ତୁ ଏବେ ଗୋମୂତ୍ର, ଔଷଧ କିମ୍ବା ଚିକିତ୍ସାରେ ଏବଂ ଗୋମୟ ଚାଷ ଜମି ପାଇଁ ବହୁତ ଲାଭଜନକ ପ୍ରମାଣିତ ହୋଇପାରିଛି ।

(ଙ) ଡିଜେଲ୍ ଏବଂ ପେଟ୍ରୋଲ୍‌ର ବର୍ଦ୍ଧିତ ମୂଲ୍ୟ ଯୋଗୁଁ ଆମ ଦେଶରେ ଟ୍ରାକ୍ଟର ଅପେକ୍ଷା ଅଧିକ ହଳ ଏବଂ ଟ୍ରକ୍ ଅପେକ୍ଷା ଅଧିକ ପରିବହନ ବଳଦ ଦ୍ୱାରା କରି ଆତ୍ମନିର୍ଭରଶୀଳ ହୋଇପାରିବା ।

(ଚ) କୃଷି ପାଇଁ ଗୋମୂତ୍ର ଏବଂ ଗୋବରର ସାର ଏକ ପ୍ରାକୃତିକ ଔଷଧି ଅଟେ । ଯଦ୍ୱାରା ଜମିର ଉର୍ବରତା ବୃଦ୍ଧି ହୋଇଥାଏ । ଏହି ପଦ୍ଧତି ଆମ ଦେଶରେ ହଜାର ହଜାର ବର୍ଷରୁ ପ୍ରଚଳିତ ହୋଇଆସୁଅଛି ।

(ଛ) ଗୋମୂତ୍ରରେ ଅରଖ, ନିମ୍ବ ଅଥବା ତୁଳସୀ ଏବଂ ଅଧିକ ମାତ୍ରାରେ ପାଣି ମିଶାଇ ଫୁଟାଇଲେ ତାହା ଶୁଦ୍ଧ କୀଟନାଶକ ଭାବେ ପ୍ରୟୋଗ ହୋଇପାରିବ ।

# ଗୋହତ୍ୟା ରୋକିବା ପାଇଁ ଆମର ଭୂମିକା କ'ଣ ?

✲ ଗାଈଠାରୁ ମିଳୁଥିବା କ୍ଷୀର, ଦହି, ଘିଅ, ଗୋଝରଣ ଏବଂ ଗୋଝରଣଯୁକ୍ତ ଫିନାଇଲ୍ ଏବଂ ଗାଈ ଗୋବରରେ ନିର୍ମିତ ବସ୍ତୁକୁ ଆମେ ନିଜର ଦୈନିକ ଜୀବନର ଆବଶ୍ୟକତା ଭାବେ ଉପଯୋଗ କରିବା । ଗାଈଠାରୁ ମିଳୁଥିବା ଏ ସମସ୍ତ ବସ୍ତୁର ଅଧିକରୁ ଅଧିକ ବ୍ୟବହାର କରିବା ହିଁ ଗୋ-ସେବା ଅଟେ ।

✲ ରୋଜଗାର ପାଇଁ ସୁଯୋଗ ଦେବା ଦୃଷ୍ଟିରୁ ଗୋ-ପାଳନ ସବୁଠାରୁ ଉତ୍ତମ ପନ୍ଥା ଅଟେ । ଗୋ ଆଧାରିତ ଉଦ୍ୟୋଗ : ଫିନାଇଲ୍, ଧୂପବତୀ, ଅଗରବତୀ, ଅନ୍ନସୁରକ୍ଷା ବୁଟି, ମଶା ନିରୋଧକ କଏଲ୍, ଗୋମୟ ଶାମ୍ପୁ, ବାସନ ମାଜିବା ପାଉଡ଼ର, ଦୁଗ୍ଧ ଭଣ୍ଡାର, ଗୋବର ଗ୍ୟାସ ପ୍ଲାଣ୍ଟ ଇତ୍ୟାଦି ।

✲ ଗାଈ-ଗୋରୁମାନଙ୍କୁ କଂସେଇକୁ ବିକ୍ରି କରିଦିଅନ୍ତୁ ନାହିଁ । ଗୋରୁ ଚମଡ଼ାରୁ ନିର୍ମିତ ବସ୍ତୁ ଯଥା- ଜୋତା, ଟୋପି, ବେଲ୍ଟ, ପର୍ସ ଆଦିର ବ୍ୟବହାର ଆଦୌ କରନ୍ତୁ ନାହିଁ ।

✲ ହିନ୍ଦୁ ସଂସ୍କୃତିରେ ଏପରି ନିୟମ ଥିଲା ଯେ ଭୋଜନରୁ ପଦାର୍ଥରୁ ଗାଈ ପାଇଁ ଅଗ୍ରାସନ ଅଲଗା କରି ରଖାଯାଉଥିଲା, ଯାହାକୁ ଆମେ ଭୁଲିଯାଇଛୁ । ଏଣୁ ଏବେଠାରୁ ଆମେ ନିଶ୍ଚୟ କରିବା ଯେପରି ଆମେ ଭୋଜନରୁ ଗାଈ ପାଇଁ ଅଗ୍ରାସନ ରଖିବା ।

✲ ଗାଈକୁ ଘାସ ଖୁଆଇବାର ଆଗ୍ରହ ରଖ । କୃଷକ-ପରିବାର ତଥା ଯାହା ପାଖରେ ଜମି ଅଛି, ସେମାନେ ଗୋ-ପାଳନ କରି ଗୋସେବାର ପୁଣ୍ୟ ଏବଂ ସ୍ୱାସ୍ଥ୍ୟ ଲାଭ କରିବା ଉଚିତ ।

ଗୋମାତାର ଦୁର୍ଦ୍ଦଶା ଦେଖି ତାହାର ରକ୍ଷା ପାଇଁ ଭାରତ ବର୍ଷର ମନିଷୀମାନେ ଅନେକ ବଳିଦାନ ଦେଇଛନ୍ତି । ପୂର୍ବକାଳରେ କରପାତ୍ରୀଜୀ ମହାରାଜ, ସନ୍ଥ ପ୍ରଭୁଦତ୍ତଜୀ ବ୍ରହ୍ମଚାରୀ, ଆଚାର୍ଯ୍ୟ ବିନୋବା ଭାବେ ଆଦି ଅନେକ ସନ୍ଥ ମହାତ୍ମା ଏବଂ ସମାଜ-ସେବକମାନେ ଗୋବଧ-ବିରୋଧୀ ଆନ୍ଦୋଳନ କରିଯାଇଛନ୍ତି ।

ବର୍ତ୍ତମାନ ଗୋରକ୍ଷା ଏବଂ ଦେଶର ସାଂସ୍କୃତିକ ପରମ୍ପରା ବଞ୍ଚାଇ ରଖିବା ପାଇଁ 'ସଂସ୍କୃତି ରକ୍ଷକ ସଂଘ' କ୍ରାନ୍ତିର ଶଂଖନାଦ କରିଅଛି । ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ଗୋ-ସମ୍ପଦ ଏବଂ ସଂସ୍କୃତି ରକ୍ଷା ପାଇଁ ଅଗ୍ରସର ହେବା ।

(୧) ଗୋମାଂସ ଏକ ଘାତକ ବିଷାଣୁ COLI-0157-H-7କୁ ବହନ କରିଥାଏ । ଯାହାଦ୍ୱାରା ଭୋଜନ ସମ୍ପୂର୍ଣ୍ଣ ବିଷାକ୍ତ ହୋଇଯାଏ ।

(୨) ଗୋମାଂସରେ ଡାୟୋକ୍ସିନ୍ (DIOXIN) ନାମକ ବିଷାକ୍ତ ଅର୍ଗାନିକ (Organic) ରାସାୟନ ପର୍ଯ୍ୟାପ୍ତ ପରିମାଣରେ ଥାଏ, ଯାହା କ୍ୟାନ୍ସର, ଏଣ୍ଡୋମିଟିରିୟୋସିସ୍ (ENDOMETRISIS), ଅକ୍ଷମତା (Deficit), କ୍ରମାଗତ କ୍ଲାନ୍ତି, ନାଡ଼ୀରୋଗ, ରକ୍ତବିକାର ତଥା ରୋଗପ୍ରତିରୋଧକ କ୍ଷମତା ହ୍ରାସ ଆଦି ଅନେକ ରୋଗ ସୃଷ୍ଟି କରିଥାଏ ।

(୩) ଗୋମାଂସ ଏବଂ ମଜ୍ଜା ଭୋକ୍ଷଣ କଲେ B.S.E., C.J.D. ଭଳି ଘାତକ ଏବଂ ଭୟାବହ ପ୍ରାଣାନ୍ତକ ରୋଗ ସୃଷ୍ଟି କରିଥାଏ । B.S.E., C.J.D.ର କୌଣସି ଉପଚାର ନାହିଁ ଏବଂ ଏହା ଏଡ୍ସ ଭଳି ଘାତକ ରୋଗ ଅଟେ । । B.S.E. ଭଳି ମସ୍ତିଷ୍କରୋଗ ଏବଂ C.J.D. ପରି ରୋଗ ପରିବାରରେ ବଂଶାନୁଗତ ଭାବେ ଗୋଟିଏ ପିଢ଼ିରୁ ପରବର୍ତ୍ତୀ ପିଢ଼ିକୁ ସଞ୍ଚାରିତ ହୋଇଥାଏ । ଏହି ପ୍ରକାରେ ଗୋମାଂସ ଭକ୍ଷଣ କଲେ ବଂଶନାଶ ହୋଇଯାଇଥାଏ ।

(୪) ଗୋମାଂସ ଭକ୍ଷଣ କଲେ ମନୁଷ୍ୟ ଶରୀରରେ ପ୍ରୋଟେଗଲେଣ୍ଡିନ୍ ନାମକ ହରମୋନ ଉତ୍ପନ୍ନ ହୋଇଥାଏ ଯାହାର ପ୍ରଭାବରେ ହୃଦ୍‌ରୋଗ ଏବଂ ପକ୍ଷାଘାତ ଭଳି ପ୍ରାଣନାଶକ ରୋଗ ସୃଷ୍ଟି ହୋଇଥାଏ ।

(୫) ଗୋମାଂସରେ ଦୀର୍ଘ କାର୍ବନ ଶୃଙ୍ଖଳାଯୁକ୍ତ ପ୍ରୋଟିନ୍ ରହିଥାଏ, ଗୋମାଂସ ଭକ୍ଷକ ବାତରୋଗ ଏବଂ ଗଣ୍ଠପୀଡ଼ା ରୋଗର ଶିକାର ହୋଇଥାଏ ।

(୬) ୟୁନାନୀ ଚିକିତ୍ସା ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଗୋମାଂସ ଖାଇଲେ ପାଗଳପଣ, ଗଣ୍ଠିବାତ ଏବଂ କୁଷ୍ଠ ଆଦି ରୋଗ ହେବାର ସମ୍ଭାବନା ଅଛି ।

(୭) ହୃଦ୍‌ରୋଗ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ଗୋରୁ ଆଦି ପଶୁମାନଙ୍କର ମାଂସ ଅଚାନକ ହୃଦ୍‌ଗତି ବନ୍ଦ ହେବାର କାରଣ ହୋଇଥାଏ ।



## ଗାଈର ବୈଜ୍ଞାନିକ ମହତ୍ତ୍ୱ ଏବଂ



(୧) ଜଣେ ମହାନ୍ ରୁଷୀୟ ବୈଜ୍ଞାନିକ 'ଶିବୋରିଚ' କହିଛନ୍ତି ଯେ ଗାଈ କ୍ଷୀରରେ 'ଆଣବିକ ବିକିରଣ' ପ୍ରତିରୋଧ କରିବାର କ୍ଷମତା ଅଛି ।

(୨) ଗାଈ ଗୋବରରେ ଲିପା ହୋଇଥିବା ଘର ହାନିକାରକ ବିକିରଣକୁ ପ୍ରତିରୋଧ କରିଥାଏ ।

(୩) ସୂର୍ଯ୍ୟୋଙ୍କର ଗୋ-କିରଣକୁ ଶୋଷିବାର କ୍ଷମତା କେବଳ ଗାଈଠାରେ ଅଛି । ଗାଈ କ୍ଷୀରରୁ ସୁବର୍ଣ୍ଣକ୍ଷାର ମିଳିଥାଏ ।

(୪) ଗୋରୁମାନଙ୍କ ଚାଲିବା ଶବ୍ଦ ଦ୍ୱାରା ସ୍ୱତଃ ଅନେକ ମାନସିକ ରୋଗ ଓ ବିକାର ଦୂର ହୋଇଥାଏ ।

(୫) ମାଦ୍ରାଜର ପ୍ରସିଦ୍ଧ ଡାକ୍ତର କିଙ୍ଗଙ୍କ ଅନୁସାରେ ଗାଈର ଗୋବରରେ ହଇଜା ରୋଗ ଜୀବାଣୁ ନଷ୍ଟ କରିବାର ଶକ୍ତି ଅଛି ।

(୬) ଟି.ବି. ରୋଗୀକୁ ଯେତେବେଳେ ଗୋଶାଳାରେ ରଖାଯାଏ, ସେତେବେଳେ ଗାଈର ଗୋବର ଏବଂ ଗୋମୂତ୍ର ସୁଗନ୍ଧ ଦ୍ୱାରା ତାହାର ଚିକିତ୍ସା କରାଯାଏ ।

(୭) ଏହା ପ୍ରମାଣିତ ହୋଇଛି ଯେ ଗୋମୂତ୍ରରେ ତମ୍ବା ଅଛି, ଯାହା ମନୁଷ୍ୟ ଶରୀରରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସୁନାରେ ପରିଣତ ହୋଇଯାଏ, ଯେଉଁଥିରେ ରୋଗ ପ୍ରତିରୋଧକ ଶକ୍ତି ଥାଏ ।

(୮) ଗାଈକୁ ପୃଥିବୀର ସବୁଠାରୁ ବଡ଼ ବୈଦ୍ୟରାଜ (ଚିକିତ୍ସକ) ବୋଲି ସ୍ୱୀକାର କରାଯାଏ ।

**संदर्भ :**

❋ गौसेवा अंक (गीताप्रेस गोरखपुर) ❋ चित्रमय चेतावनी - सत्यनारायण मौर्य

❋ गौवध भारत का कलंक एवं गाय का माहात्म्य, लेखक - हनुमान प्रसाद पोद्दार

❋ लोक कल्याण सेतु अंक :६२ ❋ गौ-विज्ञान प्रशिक्षण - सुरभि शोध संस्थान

❋ गोझरण महौषधि : राजस्थान गौसेवा आयोग ❋ protectin of cow - clan

❋ गौरक्षा - राष्ट्ररक्षा, गौसेवा - जनसेवा, लेखक - गौरीशंकर भारद्वाज

❋ राष्ट्र के अर्थतंत्र का मेरूदण्ड गौशाला - शांति कुंज, ❋ गौपालन एवं गौशाला प्रबंधन संदर्शिका (शांति कुंज, हरिद्वार)



ବାତ୍ସଲ୍ୟମୟୀ ମା' ଗୋ-ମାତା




୧୮୫୭ର କ୍ରାନ୍ତି- ଗୋ-ହତ୍ୟାର ବିରୋଧ

## ଗୋ-ହତ୍ୟାର ପ୍ରତିକାର ପାଇଁ ଆମର ଯୋଗଦାନ କ'ଣ ହେବ ?

* ଅଧିକରୁ ଅଧିକ ଗାଈ ପାଳନ କରନ୍ତୁ ତଥା ଅନ୍ୟମାନଙ୍କୁ ମଧ୍ୟ ପ୍ରେରିତ କରନ୍ତୁ ।
* ଯେଉଁ ଘରେ ଗାଈ ନାହାନ୍ତି ଅଥବା ଗାଈ ପୂଜା ହୁଏ ନାହିଁ, ତାହା ଘର ନୁହେଁ, ବରଂ ଶ୍ମଶାନ ।
* ଅଜଣା ବ୍ୟକ୍ତି ତଥା କଂସେଇକୁ ଗାଈ ବିକ୍ରି କରନ୍ତୁ ନାହିଁ । ଗୋବଂଶକୁ ଏକୁଟିଆ ବାହାରେ ଛାଡ଼ନ୍ତୁ ନାହିଁ ।
* ଯେତେ ଦାମ୍‌ରେ ମିଳୁ ନା କାହିଁକି ଯଥା ସମ୍ଭବ ଗାଈର କ୍ଷୀର, ଘୋଳଦହି, ଘିଅ ଆଦିର ସେବନ କରନ୍ତୁ ।
* ଯେଉଁ ଗାଈ କ୍ଷୀର ଦେଇ ନାହିଁ ସେ ମଧ୍ୟ ଅତ୍ୟନ୍ତ ଉପଯୋଗୀ ଅଟେ । ଗୋ-ଆଧାରିତ ଉଦ୍ୟୋଗ ଆରମ୍ଭ କରାଯାଉ ।

## ଗୋ-ଆଧାରିତ ଉଦ୍ୟୋଗ



କୃଷି ଉଦ୍ୟୋଗ | କେଞ୍ଚୁଆ ସାର | ଗୋ-କୀଟନାଶକ ଔଷଧ | ଗୋବର ଗ୍ୟାସ



ଗୋମୟ ଧୂପ ନିର୍ମାଣ (ଦେବ ଧୂପ) | ଗୋ-ଧୂପବତୀ | ପଞ୍ଚଗବ୍ୟ ଘୃତ | ଗୋ-ସାବୁନ



ଗୋହରଣ ଅର୍କ | ଗୋ-ଫିନାଇଲ | ଦାନ୍ତମଞ୍ଜନ ତେଲ ଗୋ-ଉପଟନ | ଗୋମୟ ମଲହମ | କାମଧେନୁ ଶାମ୍ପୁ



ଗୋରସରୁ କ୍ଷୀର, ଦହି, ଲହୁଣୀ, ଘିଅ, ଘୋଳଦହି, ମିଠେଇ






- ୧୯୫୧ରେ ୧୦୦୦ ଜନସଂଖ୍ୟାରେ ୪୩୦ଟି ଗାଈ ପଶୁଥିଲେ ଓ ଆଜି ମାତ୍ର ୨୦ଟି ଗାଈ ରହିଛନ୍ତି ।
- ସ୍ୱାଧୀନତା ପୂର୍ବରୁ ଭାରତରେ ୩୦୦ କଂସେଇଖାନା ଥିଲା, ଆଜି ୩୬,୦୦୦ରୁ ଅଧିକ ବୈଧ ତଥା ୩୦,୦୦୦ରୁ ଅଧିକ ଅବୈଧ କଂସେଇଖାନା ଚାଲୁଅଛି ।
- ଦେବନାର (ମୁମ୍ବଇ)ର କଂସେଇଖାନା ଏସିଆ ମହାଦେଶର ସବୁଠାରୁ ବଡ଼ କଂସେଇଖାନା ।
- କଂସେଇଖାନାରେ ପ୍ରତ୍ୟେକ ବର୍ଷ ୨୭,୪୬,୦୦୦ ଗାଈଙ୍କୁ ହତ୍ୟା କରାଯାଉଅଛି ।
- ଭାରତ ସରକାର ପ୍ରତିବର୍ଷ ୩୫ ଲକ୍ଷ ଟନ ଗୋମାଂସ ରପ୍ତାନୀ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି । ଏହି ଯୋଜନା କାର୍ଯ୍ୟକାରୀ ହେଲେ ଭାରତ ବିଶ୍ୱର ସର୍ବବୃହତ୍ ଗୋମାଂସ ଉତ୍ପାଦକ ଦେଶ ହେବ ।
- ହତ୍ୟା କରାଯାଉଥିବା ଗାଈର ଚିତ୍କାରରେ ପୃଥିବୀର ରକ୍ଷା କବଚ ଓଜନ ସ୍ତରରେ ୨ କୋଟି ୭୦ ଲକ୍ଷ ବର୍ଗ କି.ମି. ପରିଧିରେ ଛିଦ୍ର ହୋଇଯାଇଛି, ଯଦ୍ୱାରା ପରିବେଶ ସନ୍ତୁଳନ ହରାଉଛି ।
- ଭୂମିକମ୍ପ, ସୁନାମୀ, ପ୍ରାକୃତିକ ବିପତ୍ତିର କାରଣ ହତ୍ୟା କରାଯାଉଥିବା ଗାଈମାନଙ୍କର ଚିତ୍କାର ।
- ଏହି ଅନୁପାତରେ ଗୋହତ୍ୟା ହୋଇଚାଲିଲେ ସମ୍ଭବତଃ ସନ୍୨୦୨୦ବେଳକୁ ପ୍ରଳୟ ହୋଇପାରେ । ତେଣୁ ଶୀଘ୍ର ଗୋହତ୍ୟା ରୋକନ୍ତୁ ।
- ଗୋ-ସଂସ୍କୃତି, ଗୋ ଆଧାରିତ କୃଷି ବିଜ୍ଞାନକୁ ପ୍ରୋତ୍ସାହନ ଓ ଗୋ-ହତ୍ୟାର ପ୍ରତିକାର ଜରୁରୀ ।
- ଗାଈର ଦୁଧ, ଦହି, ଘିଅ, ଗୋବର ଓ ଗୋ-ମୂତ୍ର ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ବିବିଧ ରୋଗର ଉପଚାର ସମ୍ଭବ ।
- ଗୋ-ମାଂସ ଭକ୍ଷଣର ଭୀଷଣ ପରିଣାମ ଓ ତଦ୍ୱାରା ହେଉଥିବା ରୋଗର ଉପଚାର ଅସମ୍ଭବ ।

ଏହି ପୁସ୍ତକ ଜନହିତ ନିମନ୍ତେ ପ୍ରକାଶନ କରାଯାଇଛି । ଯେ କେହି ଏହା ଛପାଇ ଅଥବା ମଗାଇ ବାଣ୍ଟିପାରିବେ । ଆମର ବିଶ୍ୱାସ ଦେଶର ଏହି ସେବାକାର୍ଯ୍ୟ ଯେ କେହି କରିପାରିବେ, ପ୍ରକୃତ ଦେଶଭକ୍ତ ଦେଶହିତ ନିମନ୍ତେ ଏହା ଅବଶ୍ୟ କରିବେ ।


# ସଂସ୍କୃତି ରକ୍ଷକ ସଂଘ

ଆଧ୍ୟାତ୍ମିକ ଭାରତ ନିର୍ମାଣ

ମୁଖ୍ୟାଳୟ : ଶାସ୍ତ୍ରୀ ନଗର, ଦିଲ୍ଲୀ-୧୧୦୦୩୧. ଫୋନ୍ : ୦୧୧-୩୨୬୬୪୧୨୬.

info@srsinternational.org www.srsinternational.org